## ଓଡ଼ିଶାରେ ଚତୁର୍ଥ ଦିନରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଭିଯାନ:

### ୪୧ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଣ୍ଟନ ଶେଷ।

ଭୁବନେଶ୍ୱର,୦୨ଜୁନ

ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଆରମ୍ଭ ହୋଇଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ଆଜି ଚତୁର୍ଥ ଦିନରେ ପହଁଚିଛି। ଗତ ତିନି ଦିନ ଧରି ବ୍ୟାପକ ଭାବେ ଚାଲିଥିବା ଏହି ଅଭିଯାନରେ ରାଜ୍ୟର କୋଣ-ଅନୁକୋଣରେ ଭୋଟରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।




ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ୦୨ ଜୁନ (ମଙ୍ଗଳବାର) ସନ୍ଧ୍ୟା ୦୭ ଟା ସୁଦ୍ଧା ରାଜ୍ୟରେ ୪୧ଲକ୍ଷ ୭୦ହଜାର ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇ ସାରିଛି। ଚତୁର୍ଥ ଦିନରେ ମଧ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନେ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ସମସ୍ତ ଦୁର୍ଗମ ଅଞ୍ଚଳରେ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି।

ଘରକୁ ଘର ବୁଲି ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସାରା ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବି ଏଲ ଓ)ନିୟୋଜିତ ହୋଇଛନ୍ତି। ବିଏଲ୍ଓମାନେ ପ୍ରତି ଅଞ୍ଚଳରେ ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ଫର୍ମ ବଣ୍ଟନ କରୁଛନ୍ତି।

ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-III) ଯୋଗାଇ ଦିଆଯାଉଛି । ଚତୁର୍ଥ ଦିନରେ ୪୧ଲକ୍ଷ ୭୦ହଜାର ଭୋଟର ଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପରିଗଣନା ପୂରଣ ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି,ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ।

ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ (voters.eci.gov.in) ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ତଥ୍ୟ ପୂରଣ ପରେ ନିଜେ ଅପଲୋଡ ମଧ କରିପାରିବେ।

ଏହି ପରିଗଣନା ଫର୍ମ ପୂରଣ ସମୟରେ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦସ୍ତାବିଜ ସଂଗ୍ରହ (ଡକ୍ୟୁମେଣ୍ଟ) କରିବାର ଆବଶ୍ୟକତା ନାହି ବୋଲି ସ୍ପଷ୍ଟ କରାଯାଇଛି

ଏହି ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ସମନ୍ୱିତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ହୋଇଥିବା ୩୩ ହଜାର ୨୬ ଜଣ ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ) ମଧ୍ୟ କ୍ଷେତ୍ର ସ୍ତରରେ ବିଏଲ୍ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

ଚତୁର୍ଥ ଦିନରେ ଏସଆଇଆର କାର୍ଯ୍ୟକ୍ରମର ଅଗ୍ରଗତି ସନ୍ତୋଷଜନକ ରହିଛି ଏବଂ କୌଣସି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

ବିଜୟାନନ୍ଦ ମଲ୍ଲିକ
ଲୋକସମ୍ପର୍କ ଅଧିକାରୀ
ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର